# NATIONAL NEWS BULLETIN (ODIA)

## 8 March - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଆନ୍ତର୍ଜାତିକ ମହିଳା ଦିବସ ।
- ନୂଆଦିଲ୍ଲୀରେ ଆଜି ୩୩ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମ ଏସିଆରେ ଉତ୍ତେଜନା ମୂଳକ ପରିସ୍ଥିତି ମଧ୍ୟରେ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ୫୨ ହଜାରରୁ ଅଧିକ ଭାରତୀୟ ।
- ନେପାଳ ସଂସଦୀୟ ନିର୍ବାଚନରେ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟିର ସଂଖ୍ୟା ଗରିଷ୍ଠତା ହାସଲ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ଖେଳାଯିବ ଫାଇନାଲ୍ ମ୍ୟାଚ୍ ।

# ୱିମେନ୍ସ ଡେ

ମହିଳାମାନଙ୍କ ଅଧିକାର ଏବଂ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଷବସ୍ତୁ ରହିଛି – "ମହିଳା ଓ ବାଳିକାଙ୍କ ପାଇଁ ଅଧିକାର, ନ୍ୟାୟ ଓ ପଦକ୍ଷେପ" । ଏହା ମହିଳାମାନଙ୍କ ଅଧିକାରକୁ ସୁଦୃଢ଼ କରିବା ସହିତ ନ୍ୟାୟ ପ୍ରଦାନ ଏବଂ ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନତା ଭାବନାକୁ ଦର୍ଶାଉଛି ।

ଏହି ଦିବସ ପାଳନ ଅବସରରେ ଆଜି ଦେଶ ବ୍ୟାପି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ମାନେକ୍‌ସା କେନ୍ଦ୍ରଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ । ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ, ପୁଲିସ୍ ତଥା ଅନ୍ୟାନ୍ୟ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ସଂଗଠନରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ଅଧିକ ମହିଳା ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରିବେ । ଏଥିରେ ଦୁଇଟି ପ୍ରସଙ୍ଗ ଭିତ୍ତିକ କର୍ମଶାଳାର ଆୟୋଜନ କରାଯାଇଛି । ସେଥିମଧ୍ୟରେ ଶ୍ରମ ସଂହିତା-

ମହିଳା ସଶକ୍ତିକରଣ ବୃଦ୍ଧି ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ଉଦ୍ୟୋଗୀ ଭାବେ ସଶକ୍ତ କରିବା ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ । ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବା ଏବଂ ସମାଜରେ ଲିଙ୍ଗଗତ ସମାନତା, ସୁରକ୍ଷା ଓ ମର୍ଯ୍ୟାଦାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥାଏ ।

## ପ୍ରେଜ୍-ଓ୍ୱିମେନ୍ସ ଡେ

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ସମସ୍ତ ନାଗରିକ ବିଶେଷ କରି ମହିଳାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ମହିଳାମାନେ ହେଉଛନ୍ତି ସମାଜ ତଥା ଦେଶର ଭିତ୍ତିଭୂମି । ଶିକ୍ଷିତ, ଆତ୍ମନିର୍ଭରଶୀଳ ଏବଂ ସଶକ୍ତ ମହିଳା ଏକ ସମୃଦ୍ଧ ଏବଂ ବିକାଶଶୀଳ ରାଷ୍ଟ୍ର ଗଠନ ଦିଗରେ ସହାୟକ ହୋଇପାରିବେ । ମହିଳାମାନେ ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, କଳା ଏବଂ ପ୍ରତିରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପ୍ରତିଭା ଏବଂ କଠିନ ପରିଶ୍ରମ ଦର୍ଶାଇଥିବା ସେ କହିଛନ୍ତି । ଆଜିର ଯୁବ ମହିଳାବର୍ଗ ନୂତନ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନାଗରିକଙ୍କୁ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମହିଳାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ପିଏମ୍‌-ଦିଲ୍ଲୀ ପ୍ରୋଜେକ୍ଟସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ପ୍ରାୟ ୩୩ ହଜାର ୫୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ୧୮ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ଦୁଇଟି ନୂତନ କରିଡରକୁ ଉଦ୍‌ଘାଟନ କରିବା ସହିତ ପଞ୍ଚମ ପର୍ଯ୍ୟାୟ ଅଧୀନରେ ୧୬ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ୩ଟି ନୂତନ କରିଡରର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ଦୁଇଟି କରିଡ଼ର ମଧ୍ୟରେ ୧୨ ଦଶମିକ୍ ୩ କିଲୋମିଟର ଦୀର୍ଘତା ବିଶିଷ୍ଟ ମଜଲିସ୍ ପାର୍କ-ମୌଜପୁର-ବାବରପୁର ପିଙ୍କ୍‌ଲାଇନ୍ କରିଡ଼ର ଏବଂ ୯ ଦଶମିକ୍ ୯ କିଲୋମିଟର ଦୀର୍ଘତା ବିଶିଷ୍ଟ ଦୀପାଳି ଚୌକ-ମଜଲିସ୍ ପାର୍କ ମାଜେଣ୍ଟା ଲାଇନ୍ କରିଡ଼ର ରହିଛି । ନୂଆ ଯୋଗାଯୋଗ ଫଳରେ ଦିଲ୍ଲୀର ବୁରାରୀ, ଜଗତପୁର-ୱାଜିରାବାଦ, ଖଜୋରି ଖାସ, ଭଜନପୁରା, ଯମୁନା ବିହାର, ମଧୁବନ ଚୌକ ଆଦି ଅଞ୍ଚଳର ଲୋକମାନେ ଉପକୃତ ହେବେ । ଜିପିଆର୍‌ଏ ପୁନଃ ବିକାଶ ଯୋଜନା ଅଧୀନରେ ଶ୍ରୀ ମୋଦୀ ୧୫ ହଜାର ୨୦୦ କୋଟି ଟଙ୍କାର କେତେକ ଆବାସିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ସେହିପରି ସରକାରୀ କର୍ମଚାରୀଙ୍କ ପାଇଁ ୯ ହଜାର ୩୫୦ ଅତ୍ୟାଧୁନିକ ଫ୍ଲାଟ୍‌ର ପୁନର୍ବିକାଶ ଯୋଜନା ରହିଛି ।

## ପ୍ରେଜ୍-ୱେଷ୍ଟବେଙ୍ଗଲ-ପ୍ରୋଟକଲ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗ ସରକାର ସରକାରୀ ନିୟମ ମାନୁନଥିବାରୁ ବିରକ୍ତିଭାବ ପ୍ରକାଶ କରିଛନ୍ତି । ସିଲିଗୁଡ଼ିଠାରେ ନବମ ଆନ୍ତର୍ଜାତିକ ଶାନ୍ତାଳ ଆଦିବାସୀ ସମ୍ମିଳନୀକୁ ଯୋଗଦେବା ଲାଗି ରାଷ୍ଟ୍ରପତି ଯାଇଥିବା ବେଳେ ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ନିୟମ ଅନୁଯାୟୀ ରାଜ୍ୟକୁ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବା ଉଚିତ୍ । ଏହି ଶାନ୍ତାଳି ସମ୍ମିଳନୀରେ ଯୋଗଦେବା ଲାଗି ଆଦିବାସୀ ସମ୍ପ୍ରଦାୟର ଅନେକ ଲୋକଙ୍କୁ ବାରଣ କରାଯାଇଥିବା ସେ ସୂଚନା ଦେଇଥିଲେ ।

## ଏମ୍ଇଏ-ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ଆରମ୍ଭ ହେବା ପରେ ମାର୍ଚ୍ଚ ୧ ରୁ ୭ ମଧ୍ୟରେ ୫୨ ହଜାରରୁ ଅଧିକ ଭାରତୀୟ ନାଗରିକଙ୍କୁ ଉପସାଗରୀୟ ଅଞ୍ଚଳରୁ ସ୍ୱଦେଶ ଫେରାଇ ଅଣାଯାଇଥିବା ବୈଦେଶିକ ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୩୨ ହଜାର ୧୦୭ ଜଣ ଯାତ୍ରୀ ଭାରତୀୟ ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅନ୍ୟ ଯାତ୍ରୀମାନେ ବିଦେଶୀ ବିମାନ ସେବା ଜରିଆରେ

ଦେଶକୁ ଫେରିଛନ୍ତି । ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଭାରତ ସରକାର ପଶ୍ଚିମ ଏସିଆ ଏବଂ ଉପସାଗରୀୟ ଅଞ୍ଚଳରେ ଘଟୁଥିବା ଘଟଣା ଉପରେ ନିରନ୍ତର ନଜର ରଖିଛନ୍ତି । ବିଶେଷକରି ପରିବହନ ସମୟରେ କିମ୍ବା ସ୍ୱଳ୍ପ ଅବଧିର ଗସ୍ତ ସମୟରେ ସେହିସବୁ ଅଞ୍ଚଳରେ ଅଟକି ରହିଥିବା ଭାରତୀୟ ନାଗରିକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ନେଇ ସରକାର ପଦକ୍ଷେପ ନେଉଛନ୍ତି । ସେ କହିଛନ୍ତି, ଗତ କିଛି ଦିନ ମଧ୍ୟରେ ସମଗ୍ର ଅଞ୍ଚଳରେ ଆକାଶପଥ ଆଂଶିକ ଖୋଲାଯିବା ଦ୍ୱାରା ଅଟକି ରହିଥିବା ଯାତ୍ରୀମାନଙ୍କୁ ଫେରାଇ ଆଣିବା ସହଜ ହୋଇଛି । ଶ୍ରୀ ଜୟସ୍ୱାଲ କହିଛନ୍ତି, ଯେଉଁମାନେ ଏପର୍ଯ୍ୟନ୍ତ ସ୍ଥାନାନ୍ତର ପାଇଁ ଅପେକ୍ଷା କରିଛନ୍ତି ସେମାନଙ୍କ ପ୍ରତ୍ୟାବର୍ତ୍ତନ ନିଶ୍ଚିତ କରିବା ପାଇଁ ଆଗାମୀ ଦିନରେ ଅଧିକ ବିମାନ ଉଡ଼ାଣ ଯୋଜନା କରାଯାଉଛି ।

## ନେପାଳ ରେଜଲ୍ଟ

ନେପାଳରେ ବାଲେନ୍ଦ୍ର ଶାହଙ୍କ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି ସଂସଦୀୟ ନିର୍ବାଚନରେ ବିପୁଳ ବିଜୟ ହାସଲ କରିବା ପରେ ପରବର୍ତ୍ତୀ ସରକାର ଗଠନ କରିବାକୁ ପ୍ରସ୍ତୁତ ରହିଥିବା ସୂଚନା ମିଳିଛି । ବାଲେନ ଭାବରେ ଜଣାଶୁଣା ୩୫ ବର୍ଷୀୟ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଝାପା-୫ ନିର୍ବାଚନମଣ୍ଡଳୀରେ ଚାରିଥର ପ୍ରଧାନମନ୍ତ୍ରୀ ଥିବା ସି.ପି.ଏନ୍.-ୟୁ.ଏମ୍.ଏଲ୍.ର ପ୍ରାର୍ଥୀ କେପି

ଶର୍ମା ଓଲିଙ୍କୁ ପ୍ରାୟ ୫୦ ହଜାର ଭୋଟର ବିପୁଳ ବ୍ୟବଧାନରେ ପରାସ୍ତ କରିଛନ୍ତି।

ଗତକାଲି ରାତି ୯ଟା ୩୦ ସୁଦ୍ଧା ଫଳାଫଳ ଘୋଷଣା କରାଯାଇଥିବା ୯୭ ଆସନ ମଧ୍ୟରୁ ଆର୍.ଏସ୍.ପି. ୭୭ଟି ଆସନରେ ବିଜୟଲାଭ କରିଛି। ଏଥିରେ କାଠମାଣ୍ଡୁ ଜିଲ୍ଲାର ସମସ୍ତ ୧୦ ଆସନ ରହିଥିବା ବେଳେ ଦଳ ୪୮ଟି ଆସନରେ ଆଗୁଆ ରହିଛି ।

ନେପାଳୀ କଂଗ୍ରେସ ୧୧ଟି ଆସନରେ ଜିତିଥିବାବେଳେ ସାତଟି ଆସନରେ ଆଗୁଆ ଅଛି । ସିପିଏନ-ୟୁଏମଏଲ ମାତ୍ର ପାଞ୍ଚଟି ଆସନରେ ବିଜୟୀ ହୋଇଥିବାବେଳେ ସାତଟିରେ ଆଗୁଆ ରହିଛି । ସେହିପରି ନେପାଳୀ କମ୍ୟୁନିଷ୍ଟ ପାର୍ଟି ଦୁଇଟି, ଶ୍ରମ ଶକ୍ତି ପାର୍ଟି ତିନୋଟି ଆସନରେ ଏବଂ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଗୋଟିଏ ଆସନରେ ବିଜୟୀ ଲାଭ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଫଳ ଏବଂ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ପାଇଁ ନେପାଳର ସରକାର ଓ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ନେପାଳୀ ଭାଇଭଉଣୀମାନେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି । ଏହା ନେପାଳର ଗଣତାନ୍ତ୍ରିକ ଯାତ୍ରାରେ ଏକ ଐତିହାସିକ ଗୌରବର ମୁହୂର୍ତ୍ତ ବୋଲି ସେ କହିଛନ୍ତି ।

## ସିବିଏସ୍ଇ ମଧ୍ୟପ୍ରାଚ୍ୟ

ପଶ୍ଚିମ ଏସିଆରେ ଅଶାନ୍ତ ପରିବେଶ ଯୋଗୁଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସେଠାରେ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଆସନ୍ତାକାଲିଠାରୁ ବୁଧବାର ପର୍ଯ୍ୟନ୍ତ ହେବାକୁ ଥିବା ତିନୋଟି ପାଠ୍ୟକ୍ରମର ପରୀକ୍ଷାକୁ ସି.ବି.ଏସ୍.ଇ. ପକ୍ଷରୁ ସ୍ଥଗିତ ରଖାଯାଇଥିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ମଙ୍ଗଳବାର ଦିନ ସି.ବି.ଏସ୍.ଇ. ପକ୍ଷରୁ ଏକ ଏହି ସମ୍ବନ୍ଧରେ ଏକ ବୈଠକ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ରହିବା ପାଇଁ ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି ।

## ତେଲଙ୍ଗାନା-ମାଓଇଷ୍ଟ ସରେଣ୍ଡର

ମାଓବାଦୀ ଗଣପତି ସମେତ ସମସ୍ତ କେନ୍ଦ୍ରୀୟ କମିଟି ସଦସ୍ୟମାନଙ୍କୁ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀମାନଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଆହ୍ୱାନ ଦେଇଛନ୍ତି । ଗତକାଲି ହାଇଦ୍ରାବାଦ୍ ସ୍ଥିତ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ରଠାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀଙ୍କ ସମ୍ମୁଖରେ ୧୩୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।  ଏହି

ଗୋଷ୍ଠୀରେ ତିନିଜଣ ରାଜ୍ୟ କମିଟି ସଦସ୍ୟ, ଜଣେ ଆଞ୍ଚଳିକ କମିଟି ସଦସ୍ୟ ଏବଂ ୧୦ ଜଣ ଡିଭିଜନାଲ୍ କମିଟି ସଦସ୍ୟ ରହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ୧୨୪ଟି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ  କହିଛନ୍ତି, ଆବଶ୍ୟକ ପଡ଼ିଲେ ସରକାର ଏକ କମିଟି ଗଠନ କରି ମାଓବାଦୀଙ୍କ ବିରୋଧରେ ଦାଏର ହୋଇଥିବା ମାମଲା ପ୍ରତ୍ୟାହାର ଲାଗି ପୁନର୍ବିଚାର କରିବେ । ସେ କହିଛନ୍ତି, ସରକାର ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପାଇଁ ଖୁବ୍ ଶୀଘ୍ର ଆର୍ଥିକ ସହାୟତା ନେଇ ନିଷ୍ପତ୍ତି ଗ୍ରହଣ କରିବେ । କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ଆର୍ଥିକ ସହାୟତା ସମେତ ସ୍ୱାସ୍ଥ୍ୟ ସହାୟତା ଓ ଅନ୍ୟାନ୍ୟ ସହାୟତା ପାଇଁ ନିଷ୍ପତ୍ତି ନେବାକୁ ଅନୁମତି ପ୍ରଦାନ କରିଛନ୍ତି । ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଓବାଦୀମାନଙ୍କ ସମସ୍ୟା କଥାବାର୍ତ୍ତା ଜାରିଆରେ ସମାଧାନ କରାଯାଇପାରିବ ।

# କ୍ରିକେଟ୍ ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆଜି ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ

ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି ।

ଅନ୍ୟ ପକ୍ଷରେ ଅଧିନାୟକ ମିଚେଲ୍ ସାଣ୍ଟେନର୍‌ଙ୍କ ନେତୃତ୍ୱାଧିନ ନ୍ୟୁଜିଲାଣ୍ଡ ଦଳ ଦକ୍ଷିଣ ଆଫ୍ରିକା ବିରୋଧରେ ୯ ୱିକେଟ୍‌ରେ ବିଜୟ ଲାଭ କରି ଫାଇନାଲ୍‌କୁ ଉନ୍ନିତ ହୋଇଥିଲା । ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ଟି-ଟ୍ୱେଣ୍ଟି ମ୍ୟାଚ୍ ଗୁଡ଼ିକରେ ଭାରତ ୧୮ଟିରେ ବିଜୟ ଲାଭ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୧ଟିରେ ବିଜୟ ଲାଭ କରିଛି ।

## ବ୍ୟାଡମିଣ୍ଟନ

ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍‌ରେ, ଭାରତର ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆଜି ସନ୍ଧ୍ୟାରେ ବର୍ମିଂହାମରେ ଟାଇଟଲ୍ ମୁକାବିଲା ପାଇଁ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

୨୪ ବର୍ଷୀୟ ଲକ୍ଷ୍ୟ ସେନ ଗତକାଲି ସନ୍ଧ୍ୟାରେ ସେମିଫାଇନାଲ୍ ମୁକାବିଲାରେ କାନାଡାର ଭିକ୍ଟର ଲାଇଙ୍କୁ ୨୧-୧୬, ୧୮-୨୧, ୨୧-

୧୫ରେ ପରାସ୍ତ କରିଥିଲେ। ପୂର୍ବରୁ ଲକ୍ଷ୍ୟ କ୍ୱାର୍ଟରଫାଇନାଲ୍‌ରେ ମଧ୍ୟ ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ୨୧-୧୩, ୨୧-୧୬ରେ ପରାସ୍ତ କରିଥିଲେ। ଆଜି ସନ୍ଧ୍ୟା ୫ଟାରେ ଫାଇନାଲ୍‌ରେ ସେ ଚାଇନିଜ୍ ତାଇପେର ଲିନ୍ ଚୁନ୍-ୟିଙ୍କ ବିପକ୍ଷରେ ଅବତୀର୍ଣ୍ଣ ହେବେ ।